بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୭ ଅକ୍ଟୋବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ତବୁକ୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଅଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍‌ରହ୍‌ମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ର-ହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର ଅ.ବ କହିଲେ; ଗତ ଖୁତ୍‌ବାରେ ମୁଁ ତବୁକ୍ ଯୁଦ୍ଧ ସଂକ୍ରାନ୍ତରେ ସଂକ୍ଷିପ୍ତ ଚର୍ଚ୍ଚା କରିଥିଲି । ତାହାର ଅତିରିକ୍ତ ଘଟଣାବଳୀ ଆଜି ବର୍ଣ୍ଣନା କରିବି ।

ହଜରତ ମୁସଲେହ୍ ମଉଦ ର.ଅ ତବୁକ୍ ଯୁଦ୍ଧର ମୂଳ କାରଣ ବର୍ଣ୍ଣନା କରି କୁହନ୍ତି; ଯେତେବେଳେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ ମକ୍କା ଜୟ କରିନେଲେ ସେତେବେଳେ ଅବୁ ଆମିର୍ ମଦନୀ, ଯିଏକି ଖଜ୍‌ରଜ୍ କବିଲାର ଜଣେ ବ୍ୟକ୍ତି ଥିଲା । ଆଉ ୟହୁଦି ଓ ଖ୍ରୀଷ୍ଟଧର୍ମୀଙ୍କ ସହିତ ବସାଉଠା ଓ ମିଳାମିଶା କରିବା ହେତୁ (ଈଶ୍ୱରଙ୍କ ନାମ) ଜପ କରିବାର ଅଭ୍ୟସ୍ତ ଥିଲା, ସେଥିପାଇଁ ଲୋକମାନେ ତାହାକୁ ରାହିବ୍ (ପୁରୋହିତ) କହୁଥିଲେ । କିନ୍ତୁ ଧାର୍ମିକ ଦୃଷ୍ଟିରୁ ସେ ଖ୍ରୀଷ୍ଟଧର୍ମାବଲମ୍ବୀ ନଥିଲା । ମହାଭାଗ ମଦିନା ଆସିବା ପରେ ସେ ମକ୍କା ପଳାୟନ କରିଥିଲା, ଯେତେବେଳେ ହୁଜୁର ସ.ଅ ମକ୍କା ମଧ୍ୟ ଜୟ କରିନେଲେ ସେତେବେଳେ ସେ ଚିନ୍ତା କଲା ଇସଲାମ ବିରୁଦ୍ଧରେ ଷଡଯନ୍ତ୍ର କରିବା ନିମନ୍ତେ କୌଣସି ନୂତନ ଉପାୟ ପାଞ୍ଚିବା ଉଚିତ୍ । ଶେଷରେ ସେ ନିଜ ନାମ ଓ ବେଶଭୂଷା ପରିବର୍ତ୍ତନ କରି କବା ନାମୀ ଏକ ଗ୍ରାମରେ ବସତି ସ୍ଥାପନ କଲା । ବର୍ଷ ବର୍ଷ ଧରି ବାହାରେ ରହିବା ଯୋଗୁଁ ମଦିନାର କୋକମାନେ ତାହାକୁ ଅଚିହ୍ନା ପାଉଥିଲେ । ସେ ମଦିନାର କପଟବିଶ୍ୱାସୀମାନଙ୍କ ସହିତ ମିଳିତ ହୋଇ ଏହି ଯୋଜନା କଲା ଯେ ମୁଁ ସିରିୟା ଯାଇ ଖ୍ରୀଷ୍ଟିୟ ପ୍ରଶାସନ ଓ ଆରବ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କୁ ଫୁସୁଲାଇବି ଓ ସେମାନଙ୍କୁ ମଦିନା ଉପରେ ଆକ୍ରମଣ କରିବାକୁ ପ୍ରବର୍ତ୍ତାଇବି । ଏପଟେ ତୁମେମାନେ ଏହି ଗୁଜବ ପ୍ରଘଟ କରିଦେବ ଯେ ସିରିୟା ଦେଶର ସେନା ବାହିନୀ ମଦିନା ଉପରେ ଆକ୍ରମଣ କରିବାକୁ ଆସୁଛି ।

ଏହିପରି ସୂଚନା ମିଳିବାର ଆଧାରରେ ପୁଣ୍ୟଶ୍ଳୋକ ଶେଷରେ ଏହି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିଲେ ଯେ ରୋମୀମାନଙ୍କର ମୁକାବିଲା କରିବାରେ ଯଦି ଆମେ ବିଳମ୍ବ କରିବା ତେବେ ତାହାର କ୍ଷତି ବେଶ ଅଧିକ ସହ୍ୟ କରିବାକୁ ପଡିବ । ସୁତରାଂ ମହାଭାଗ ଏହି ପଦକ୍ଷେପ ଗ୍ରହଣ କଲେ, ଯେ ରୋମୀମାନଙ୍କର ଆକ୍ରମଣ କରିବା ପୂର୍ବରୁ ତାଙ୍କ ଅଞ୍ଚଳରେ ପହଞ୍ଚି ନିର୍ଣ୍ଣାୟକ ଯୁଦ୍ଧ ଲଢ଼ିବା ଅନୁକୂଳ ହେବ ।

ସାଧାରଣତଃ ହଜରତ ମୁହମ୍ମଦ ସ.ଅ ନିଜ ଯୁଦ୍ଧ ରଣନୀତିକୁ ଗୁପ୍ତ ରଖୁଥିଲେ । କିନ୍ତୁ ଖୈବର୍ ଯୁଦ୍ଧ ପରେ ତବୁକ୍ ଯୁଦ୍ଧ ଏପରି ଥିଲା, ଯେ ମହାଭାଗ ସର୍ବସାଧାରଣରେ ଏହି ଘୋଷଣା କରାଇ

ଦେଲେ କି ଏହି ଅଭିଯାନରେ ଯାତ୍ରା କିଭଳି କଷ୍ଟଦାୟକ ଓ ଆମର ମୁକାବିଲା କିଭଳି ସଂଖ୍ୟାଗରିଷ୍ଠ ଦଳ ସହିତ ହେବାର ଅଛି । ସେହି ବର୍ଷ (ଆରବ ଦେଶରେ) ମରୁଡ଼ି ମଧ୍ୟ ପଡିଥିଲା, ତେଣୁ ଘୋର ଖାଦ୍ୟାଭାବର ସଂକଟ ଦେଖାଦେଲା ଏବଂ ଲୋକମାନେ ନିଜ ଫସଲ ସଂରକ୍ଷଣ କରିବା ଚିନ୍ତା ଓ ପ୍ରସ୍ତୁତିରେ ରହିଥିଲେ । ଇତି ମଧ୍ୟରେ ତବୁକ୍ ଯୁଦ୍ଧ ନିମନ୍ତେ ବାହାରି ଯିବାକୁ ଆଦେଶ ଦିଆଗଲା । ଭୀଷଣ ଗ୍ରୀଷ୍ମର ପ୍ରକୋପ ଥିଲା, ତା' ସହିତ ସହସ୍ର ମାଇଲ୍ ଯାତ୍ରା କରିବା ଓ ପାଥେୟର ଅଭାବ ଅତିରିକ୍ତ ସମସ୍ୟା ଥିଲା । ଏସମସ୍ତ ସମସ୍ୟା ସତ୍ତ୍ୱେ ଯେତେବେଳେ ହୁଜୁର[ସ.ଅ] ଯୁଦ୍ଧ ନିମନ୍ତେ ବାହାରି ଯିବାକୁ ଆହ୍ୱାନ ଦେଲେ ସେତେବେଳେ ମହାଭାଗଙ୍କ ଉତ୍ସର୍ଗୀକୃତ ଅନୁଚରଗଣ ଜିହାଦ୍ (ଅଲ୍ଲାଃଙ୍କ ମାର୍ଗରେ ସଂଘର୍ଷ) କରିବାକୁ ବାହାରି ଗଲେ । ଏହି ଅବସରରେ ଦାନଧ୍ୟାନ କରୁଥିବା ସାହାବାମାନଙ୍କୁ ହୁଜୁର[ସ.ଅ] ଅର୍ଥଦାନ କରିବାକୁ ଆହ୍ୱାନ ଦେଲେ । ଏଥିରେ ସର୍ବପ୍ରଥମେ ହଜରତ ଅବୁବକର୍ ସିଦ୍ଦିକ୍[ର.ଅ] ନିଜ ଘରର ସମସ୍ତ ଆସବାବ ନେଇ ଆସିଲେ । ହଜରତ ଉସମାନ୍[ର.ଅ] ୩୦୦ ଓଟର ପାଲିଙ୍କି ଉପସ୍ଥାପନ କଲେ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କହିଲେ; ଏହାପରେ ହଜରତ ଉସମାନ୍[ର.ଅ] ଯାହା କରିବେ ସେଥିପାଇଁ ତାଙ୍କ ଉପରେ କୌଣସି ଧରପଗଡ ହେବ ନାହିଁ । ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜରତ ଉସମାନ୍[ର.ଅ] ଏହି ଅବସରରେ ୧୦୦୦ଦିନାର (ରାଶି) ଅର୍ଥଦାନ ମଧ୍ୟ କରିଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜରତ ଉସମାନ୍[ର.ଅ] ଏହି ଅବସରରେ ୧୦୦୦ଓଟ ଓ ୭୦ଟି ଘୋଡ଼ା ଦାନ କରିଥିଲେ । ଅନ୍ୟ କେତେକ ବର୍ଣ୍ଣନା ଅନୁଯାୟୀ ସେହି ଯୁଦ୍ଧର ସମସ୍ତ ଖର୍ଚ୍ଚ ହଜରତ ଉସମାନ୍[ର.ଅ] ହିଁ ବହନ କରିଥିଲେ ।

ହଜରତ ଅବ୍ଦୁର୍ ରହେମାନ୍ ବିନ୍ ଔଫ୍[ର.ଅ]ଙ୍କ ସଂକ୍ରାନ୍ତରେ ବର୍ଣ୍ଣନା ମିଳୁଅଛି ଯେ, ସେ ଏକଶତ କିମ୍ବା ଅନ୍ୟ ବର୍ଣ୍ଣନା ଅନୁଯାୟୀ ୨୦୦ ଅବା ୪୦୦ ଔକିଆ ରୁପା ବଳିଦାନ କରିଥିଲେ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଜମାଅତ ଅହମଦିୟାର ସଦସ୍ୟବୃନ୍ଦ ମଧ୍ୟ ଏକଥାକୁ ବୁଝୁଛନ୍ତି ଯେ ଅର୍ଥଦାନ କରିବାର ଗୁରୁତ୍ୱ କେତେ ଅଧିକ । ଅଧିକାଂଶ ସମୟରେ ମୁଁ ଏପରି ଘଟଣାବଳୀର ଆଲୋଚନା କରିଥାଏ, କେତେକ ଲୋକ ଏପରି ଥାନ୍ତି ଯେ ବାସ୍ତବ ପକ୍ଷେ ତାଙ୍କ ନିକଟରେ ଯାହାକିଛି ଥାଏ, ସେ ସବୁକିଛି ପ୍ରଭୁଙ୍କ ମାର୍ଗରେ ତ୍ୟାଗ କରିଦେଇଥାନ୍ତି । **ଧନାଢ଼୍ୟ ଲୋକ ଓ ଆର୍ଥିକ ସ୍ୱଚ୍ଛଳ ଲୋକମାନଙ୍କୁ ମଧ୍ୟ ହଜରତ ଅବୁବକର୍ ସିଦ୍ଦିକ୍[ର.ଅ], ହଜରତ ଉମର୍[ର.ଅ] ଓ ହଜରତ ଉସମାନ୍[ର.ଅ]ଙ୍କର ଏହି ନମୁନା ଆପଣାଇବା ଉଚିତ୍** । ଅଲ୍ଲାଃତାଲାଙ୍କ କୃପାରୁ ଅନେକ ଧନାଢ଼୍ୟ ଲୋକ ଏପରି ରହିଛନ୍ତି ଯେ ଉଚ୍ଚ ସ୍ତରର ଅର୍ଥାତ୍ ବିପୁଳ ପରିମାଣର ଅର୍ଥଦାନ କରିଥାନ୍ତି ।

ସେହି ଅବସରରେ ଦାନଧ୍ୟାନ କରୁଥିବା ସାହାବାମାନଙ୍କ ସହିତ ଗରିବ, ଅଭାବଗ୍ରସ୍ତ ଓ ଦରିଦ୍ର ସାହାବାମାନେ ମଧ୍ୟ ନିଜ ସାମର୍ଥ୍ୟ ଅନୁଯାୟୀ ଅର୍ଥଦାନ କଲେ । କପଟବିଶ୍ୱାସୀମାନେ ସେହି ଗରିବ ସାହାବାମାନଙ୍କର ଏହି ବଳିଦାନକୁ ଦେଖି ଉପହାସ କରୁଥିଲେ । ଆଉ କହୁଥିଲେ, ଏ ମୁଠାଏ ଦାନା (ଖାଦ୍ୟଶସ୍ୟ) ଉପସ୍ଥାପନ କରି ଏମାନେ ରୋମୀମାନଙ୍କ ପରି ଶକ୍ତିଶାଳୀ ଓ ବୀର ଯୋଦ୍ଧାମାନଙ୍କର ମୁକାବିଲା କରିବାକୁ ବାହାରିଛନ୍ତି । **ଏହି ଅବସରରେ ମହିଳାମାନେ ମଧ୍ୟ ନିଜ**

**ଗହଣାଗାଣ୍ଠି ଆଣି ଅଲ୍ଲାଃଙ୍କ ମାର୍ଗରେ ଦାନ କରି ପୁଣ୍ୟକର୍ମ ଅର୍ଜନ କରିବାରେ ଭାଗ ନେଲେ ।** କପଟବିଶ୍ୱାସୀମାନେ ନିଜ ଆଡୁ ପୂର୍ଣ୍ଣ ପ୍ରୟାସ କରିନେଲେ ଓ ମୁସଲମାନମାନଙ୍କୁ ଯୁଦ୍ଧ ଲଢ଼ିବାରୁ ବିରତ ରଖିବାକୁ ବହୁତ ଚେଷ୍ଟା କରିଥିଲେ । ସେମାନେ କହୁଥିଲେ, ଭୀଷଣ ଗ୍ରୀଷ୍ମ ପ୍ରବାହ ହେଉଛି ଓ ତୁମେମାନେ ଯାହାର ମୁକାବିଲା କରିବାକୁ ବାହାରିଛ ସେ ଅତି ବଳଶାଳୀ । ମଦିନାର ଲୋକେ ସାଧାରଣତଃ କୃଷକ ଶ୍ରେଣୀର ଥିଲେ ଓ ସେତେବେଳେ ସେମାନଙ୍କ ଫସଲ ଅମଳ ହେବାର ସମୟ ଥିଲା । ସେ ଯାହା ହେଉ କପଟବିଶ୍ୱାସୀମାନେ ମୁସଲମାନମାନଙ୍କୁ ରଣକ୍ଷେତ୍ରକୁ ଯିବାରୁ ରୋକୁଥିଲେ । କିନ୍ତୁ ମହାଭାଗଙ୍କର ନିଷ୍ପାପର ସାହାବାମାନଙ୍କ ଉପରେ ସେମାନଙ୍କ ପ୍ରୋପଗଣ୍ଡାର କୌଣସି ପ୍ରଭାବ ପଡିଲା ନାହିଁ ।

ଶେଷରେ ସେହି କପଟବିଶ୍ୱାସୀମାନେ ପୁଣ୍ୟଶ୍ଳୋକଙ୍କ ସେବାରେ ଉପସ୍ଥିତ ହେଲେ ଓ ଯୁଦ୍ଧ କରିବାକୁ ନଯିବା ପାଇଁ ଆଳ କଲେ । ଆଉ ମହାଭାଗ ସେମାନଙ୍କ ଆଳକୁ ଗ୍ରହଣ କରି ନେଉଥିଲେ । ତେବେ ପବିତ୍ର କୁରଆନ ସେ ସମସ୍ତ କପଟବିଶ୍ୱାସୀମାନଙ୍କର ଭେଦ ପ୍ରକାଶ କରିଦେଲେ । ପବିତ୍ର କୁରଆନରେ ଅଲ୍ଲାଃତାଲା କହିଲେ; ଯଦି ଦୂରତା ସ୍ୱଳ୍ପ ହୋଇଥାନ୍ତା ଓ ଯାତ୍ରା ସହଜ ହୋଇଥାନ୍ତା ତେବେ ଏମାନେ ନିଶ୍ଚିତ ରୂପେ ତୁମ ପଛରେ ବାହାରି ଯାଇଥାନ୍ତେ । କିନ୍ତୁ ବିଡମ୍ବନା ଏହିକି ଯେ କଷ୍ଟ ସହ୍ୟ କରିବା ଏମାନଙ୍କ ଠାରୁ ବହୁତ ଦୂରରେ । ନିଶ୍ଚିତ ରୂପେ ସେମାନେ ଅଲ୍ଲାଃଙ୍କର ପ୍ରତିଜ୍ଞା କରି କହିବେ ଯେ, ଯଦି ଆମର ସାମର୍ଥ୍ୟ ଥାନ୍ତା ତେବେ ଅବଶ୍ୟ ଆମେ ତୁମ ସାଥିରେ ବାହାରି ଯାଇଥାନ୍ତୁ । **ସେମାନେ ନିଜର ହିଁ ସର୍ବନାଶ କରିବାକୁ ବସିଛନ୍ତି ଏବଂ ଅଲ୍ଲାଃ ଜାଣନ୍ତି ଯେ, ନିଃସନ୍ଦେହରେ ଏମାନେ ମିଥ୍ୟାବାଦୀ ।** ଅଲ୍ଲାଃତାଲା ତୁମ ପ୍ରତି ସଦୟ ହୁଅନ୍ତୁ, ତୁମେ ସେମାନଙ୍କୁ (ଜିହାଦ୍‌ରେ ନଯିବାକୁ) ଅନୁମତି ହିଁ କାହିଁ ଦେଲ । କାରଣ ସେମାନଙ୍କର ଅନ୍ତଃ ଅବସ୍ଥା ଭଲ ଭାବରେ ତୁମେ ଜାଣି ପାରିଥାନ୍ତ, ଯିଏକି ସତ କହୁଥିଲେ । ଆଉ ତୁମେ ମିଥ୍ୟାବାଦୀଙ୍କୁ ମଧ୍ୟ ଚିହ୍ନି ଯାଇଥାନ୍ତ । ଯେଉଁ ଲୋକମାନେ ଅଲ୍ଲାଃ ଓ ପରକାଳ ଉପରେ ବିଶ୍ୱାସ ରଖନ୍ତି ସେମାନେ ତୁମ ପ୍ରାଣ ଓ ଧନସମ୍ପତ୍ତି ସହିତ ଜିହାଦ୍ କରିବାରୁ ଅବକାଶ ମାଗି ନଥାନ୍ତି ଏବଂ ଅଲ୍ଲାଃ ଧର୍ମନିଷ୍ଠମାନଙ୍କୁ ଖୁବ୍ ଭଲ ଭାବରେ ଜାଣନ୍ତି । କେବଳ ସେହି ଲୋକମାନେ ତୁମ ଠାରୁ ଛୁଟି ମାଗନ୍ତି ଯେ ଅଲ୍ଲାଃ ଓ ପରକାଳ ଉପରେ ବିଶ୍ୱାସ ରଖନ୍ତି ନାହିଁ । ଆଉ ସେମାନଙ୍କ ହୃଦୟ ସନ୍ଦେହରେ ପତିତ ଓ ସେମାନେ ସେଥିରେ ଟଳମଳ ହେଉଛନ୍ତି । ଯଦି ସେମାନଙ୍କର ଜିହାଦ୍‌ରେ ସାମିଲ ହେବାର ଉଦ୍ଦେଶ୍ୟ ଥାନ୍ତା ତେବେ ନିଶ୍ଚିତ ରୂପେ ସେମାନେ ସେଥିପାଇଁ ପ୍ରସ୍ତୁତି ମଧ୍ୟ କରି ଦେଇଥାନ୍ତେ । କିନ୍ତୁ ଅଲ୍ଲାଃତାଲା ପସନ୍ଦ ହିଁ କଲେ ନାହିଁ, ଯେ ସେମାନେ ଏହି ଉଚ୍ଚାକାଂକ୍ଷା ସକାଶେ ଅଣ୍ଟା ଭିଡି ନିଅନ୍ତୁ । ସେ ତାଙ୍କୁ ସେହିସ୍ଥଳେ ପଡି ରହିବାକୁ ଦେଲେ ଓ ସେମାନଙ୍କୁ କୁହାଗଲା ଯେ, ବସି ରହିବା ଲୋକମାନଙ୍କ ସହିତ ବସି ରୁହ । ଯଦି ସେମାନେ ତୁମ ସହିତ ସାମିଲ ହୋଇ ଜିହାଦ୍ ପାଇଁ ବାହାରି ପଡିଥାନ୍ତେ ତେବେ (ସେନାରେ) ବିଶୃଙ୍ଖଳା ସୃଷ୍ଟି କରିବା ବ୍ୟତୀତ ଅନ୍ୟଥା କିଛି କରି ନଥାନ୍ତେ । ତଥା ତୁମ ମଧ୍ୟରେ ତୀବ୍ର ବେଗରେ ବାହାନଗୁଡ଼ିକୁ ଦୌଡ଼ାଇ ଥାନ୍ତେ । ବାସ୍ତବରେ ସେମାନେ ତୁମମାନଙ୍କ ମଧ୍ୟରେ ଉପଦ୍ରବ ସୃଷ୍ଟି କରିବାକୁ ଚାହୁଁଛନ୍ତି । ଯେତେବେଳେକି ତୁମ ମଧ୍ୟରେ କଥା ଶୁଣି ଥିବା (ନିଷ୍ପାପର ସାହାବା)ମାନେ ମଧ୍ୟ ରହିଛନ୍ତି । ଆଉ ଅଲ୍ଲାଃ

ଅତ୍ୟାଚାରୀମାନଙ୍କୁ ଭଲ ଭାବରେ ଜାଣନ୍ତି । ନିଶ୍ଚିତ ରୂପେ ସେମାନେ ପୂର୍ବେ ମଧ୍ୟ ଉପଦ୍ରବ ସୃଷ୍ଟି କରିବାକୁ ଚାହୁଁ ଥିଲେ । ସେମାନେ ତୁମ ସମ୍ମୁଖରେ ମାମଲା ଓଲଟପାଲଟ କରି ଉପସ୍ଥାପନ କଲେ । ଏପରିକି ସତ୍ୟ ଆସିଗଲା ଓ ଅଲ୍ଲାଃଙ୍କ ନିଷ୍ପତ୍ତି ପ୍ରକାଶ୍ୟ ହୋଇଗଲା । ଯେବେକି ସେ ତାହାକୁ ଅତି ନାପସନ୍ଦ କରୁଥିଲେ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହାର ପରବର୍ତ୍ତୀ ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ଗତ ଖୁତ୍‌ବାରେ ମୁଁ ରବଓ୍ୱାର ଆମ ମସଜିଦ୍ ଉପରେ ଆକ୍ରମଣ ହୋଇଥିବାର ଚର୍ଚ୍ଚା କରିଥିଲି, ଯେଉଁଥିରେ ଆମର କିଛି ବୀର ଖୁଦ୍ଦାମ୍ କ୍ଷତାକ୍ତ ହୋଇଥିଲେ । ସେମାନଙ୍କ ସକାଶେ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କୁ ସୁସ୍ଥ କରିଦିଅନ୍ତୁ ଏବଂ ଆସନ୍ତାରେ ପ୍ରକାଶ ପାଇବା ସମସ୍ତ ପ୍ରକାରର ଅସୁବିଧାରୁ ସେମାନଙ୍କୁ ରକ୍ଷା କରନ୍ତୁ । ବର୍ତ୍ତମାନ ତିନିଜଣ ଖୁଦ୍ଦାମ୍ ବେଶି ଆକ୍ରାନ୍ତ ହୋଇଛନ୍ତି ଓ ଏବେ ବି ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ବାକି ୫ଜଣଙ୍କର ଚିକିତ୍ସା କରି ସେମାନଙ୍କ ଘରକୁ ପଠାଇ ଦିଆଯାଇଛି । କିନ୍ତୁ ସେମାନଙ୍କ ଆଘାତ ପ୍ରଶମିତ ହୋଇ ନାହିଁ, ସେଥିରେ ଆହୁରି ସମୟ ଲାଗିଯିବ । ତେବେ ଅଲ୍ଲାଃତାଲା ସେସମସ୍ତଙ୍କୁ ସ୍ୱାସ୍ଥ୍ୟବାନ କରି ଦିଅନ୍ତୁ ଓ ଆସନ୍ତାରେ ମଧ୍ୟ ସମସ୍ତ ଅହମଦିଙ୍କୁ ପ୍ରତ୍ୟେକ ସ୍ଥାନରେ ସମସ୍ତ ପ୍ରକାରର କ୍ଷତି ଓ ଅନିଷ୍ଟରୁ ସୁରକ୍ଷିତ ରଖନ୍ତୁ ।

ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ଜଣେ ମୃତକ ଶ୍ରୀମାନ ସାମ ଅଲୀ ନିୟାଜ୍ ସାହେବ ମାର୍ଶଲ୍ ଉପଦ୍ୱୀପ ନିବାସୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା ଓ ତାଙ୍କ ନମାଜ୍ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ । ହୁଜୁର[ଅ.ବ] ତାଙ୍କର ବୈକୁଣ୍ଠରେ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ଓ କହିଲେ; ତାଙ୍କ ବଂଶରେ କିଛି ଲୋକ ଏଯାବତ୍ ଅହମଦି ନାହାନ୍ତି । ଅଲ୍ଲାଃତାଲା ସେମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ଯେ, ସେମାନେ ମଧ୍ୟ ଅହମଦି ହୋଇଯାନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

17th October 2025

*Translated to Odia by :* Moulavi Anwar Ahmad Khan